
ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀ ପୂଜାର ଭସାଣି ଉତ୍ସବରେ ବୁଧବାର କଳାହାଣ୍ଡିର ଲୋକନୃତ୍ୟ ପରିବେଷଣ।


ଦିଲ୍ଲୀର ଅଘୋରୀ କଳାକାରମାନେ କଳା ପ୍ରଦର୍ଶନ କରୁଛନ୍ତି।


ଜଣେ କଳାକାର ମାଙ୍କଡ଼ ନୃତ୍ୟ ବେଳେ ଗଛରେ ଚଢ଼ିଛନ୍ତି।

# ଢେଙ୍କାନାଳରୁ ମେଲାଣି ନେଲେ ମା’


ଭସାଣି ଶୋଭାଯାତ୍ରାରେ ଦୁର୍ଗାବଜାର ମେଢ଼।


ସହର ପରିକ୍ରମା କରୁଛି ଜବାହାରଚୌକ ମେଢ଼।


ମିନାବଜାର ପୂଜା ମଣ୍ଡପଠାରେ ଭସାଣି ଯାତ୍ରାର ଶୁଭାରମ୍ଭ ଅବସରରେ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ସମେତ ଅନ୍ୟମାନେ।


ଶୋଭାଯାତ୍ରା ବେଳେ ଆଗରେ ଯାଉଛି ମିନାବଜାର ମେଢ଼।


ଶୋଭାଯାତ୍ରାରେ ସାମିଲ ହୋଇଥିବା ଗଣେଶ ବଜାର ମେଢ଼।

**ଢେଙ୍କାନାଳ,୮।୧୧(ରତନ ନାୟାର)**

- ମିଳିତ ଭସାଣିରେ ୨୨ ମେଢ଼, ସହର ଜନ ସମୁଦ୍ର
- ଲୋକନୃତ୍ୟ ଓ ବାଦ୍ୟ ସଙ୍ଗୀତରେ କମ୍ପିଲା ଢେଙ୍କାନାଳ
- କେରଳ, ମହାରାଷ୍ଟ୍ର ଓ ହରିୟାଣାର ଲୋକନୃତ୍ୟ ପ୍ରମୁଖ ଆକର୍ଷଣ

ଢେଙ୍କାନାଳରୁ ବୁଧବାର ମେଲାଣି ନେଇଛନ୍ତି ମା’ ଲକ୍ଷ୍ମୀ। ସକାଳୁ ଆରମ୍ଭ ହୋଇଥିବା ମା’ଙ୍କ ଏହି ବିଦାୟ ପର୍ବ ବିଳମ୍ବିତ ରାତି ଯାଏ ଚାଲିଥିଲା। ପ୍ରସିଦ୍ଧ ଲକ୍ଷ୍ମୀପୂଜାର ଏହି ଅନ୍ତିମ ଉତ୍ସବ ଭସାଣି ଶୋଭାଯାତ୍ରା ବେଶ୍ ଆନନ୍ଦ ଉଲ୍ଲାସ ଓ ଆଡ଼ମ୍ବର ସହ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ବିଭିନ୍ନ ଲୋକନୃତ୍ୟ, ବାଦ୍ୟ ସଙ୍ଗୀତରେ ସମଗ୍ର ଢେଙ୍କାନାଳ ପ୍ରକମ୍ପିତ ହୋଇଉଠିଥିଲା। ବିଶେଷକରି କେରଳ, ମହାରାଷ୍ଟ୍ର ଓ ହରିୟାଣା, ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀର, ପୁରୀ ଆଦିର ଲୋକନୃତ୍ୟ ପ୍ରମୁଖ ଆକର୍ଷଣ ସାଜିଥିଲା। ଏହି ଭସାଣି ଶୋଭାଯାତ୍ରାରେ ପିଲାଠାରୁ ଆରମ୍ଭ କରି ଯୁବକ ଓ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହୋଇଥିଲେ। ପୂରା ସହର ଯେପରି ନାଚ, ଗୀତରେ ଏକାକାର ହୋଇଯାଇଥିଲା।

ପୂର୍ବାହ୍ନ ସାଢେ ୮ଟାରେ ୧ନଂ. ମେଢ ଶ୍ରୀ ଶ୍ରୀ ମଉଡମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମିନାବଜାର ପୂଜା ମଣ୍ଡପଠାରୁ ଏହି ଭସାଣି ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଜିଲାପାଳ ମନୋରଞ୍ଜନ ମଲ୍ଲିକ ନଡ଼ିଆ ବାଡ଼େଇ ମିଳିତ ଭସାଣି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ମିଳିତବଜାର ପୂଜା କମିଟି ସଭାପତି ଜ୍ଞାନେନ୍ଦ୍ର ବେହେରା, ଉପଜିଲାପାଳ ସପନ କୁମାର ନନ୍ଦ, ମିନାବଜାର ପୂଜା ପ୍ରତିଷ୍ଠାନ ସଭାପତି ରବି ନାରାୟଣ ମହାନ୍ତି, ସମ୍ପାଦକ ପୀତବାସ ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚଳିତବର୍ଷ ୩୮ଟି ପୂଜା ମଣ୍ଡପରେ ପୂଜା ହୋଇଥିବା ବେଳେ ୨୨ ଅନୁଷ୍ଠାନ ମିଳିତ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟ ପୂଜା ପ୍ରତିଷ୍ଠାନଗୁଡିକ ନିଜ ସୁବିଧା ମୁତାବକ ମେଢ ବିସର୍ଜନ କରିଥିଲେ। ମିଳିତ ଭସାଣି ଶୋଭାଯାତ୍ରାରେ ପ୍ରଥମେ ମିନାବଜାର, ଦ୍ୱିତୀୟରେ ଜବାହାରଚୌକ, ତାହା ପଛକୁ ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, କାରିଗର ସାହି, ବାଜିଚୌକ, ଗୁଡିଆନାଳୀ ଓ ପରେ ପରେ ଅନ୍ୟ ପୂଜା ପ୍ରତିଷ୍ଠାନର ମେଢ ଶୋଭାଯାତ୍ରାରେ ଯାଇଥିଲେ। ମେଢଗୁଡିକ ନିଜ ନିଜ ମଣ୍ଡପରୁ ବାହାରି ସହରର ପ୍ରମୁଖ ରାସ୍ତାଦେଇ ବଳରାମ ମନ୍ଦିର, ରାଜବାଟୀ, ଦୁର୍ଗା ବଜାର ଛକ, ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ, ପୂର୍ତ୍ତବିଭାଗ ଗଳି ଦେଇ ପୁଣିଥରେ ସହରର ପ୍ରମୁଖ ରାସ୍ତାରେ ବାହାରି ସେଠାରୁ ମହାବୀର ବଜାର, ଜବାହରଚୌକ ଓ ବାଜିଚୌକ ଦେଇ ବିସର୍ଜନ ପାଇଁ ବଡଜୋରା କାଠଶଙ୍ଖ ଆଡକୁ ମୁହାଁଇଥିଲେ। ରାତି ୧୦ଟା ୫ରେ ପ୍ରଥମେ ମିନାବଜାର ପୂଜା ପ୍ରତିଷ୍ଠାନ ମେଢ଼ ବିସର୍ଜନ କରାଯାଇଥିଲା। ପରେ ୧୦ଟା ୪୫ରେ ଦ୍ୱିତୀୟ ମେଢ଼ ଭାବେ ଜବାହରଚୌକ ମେଢ଼ ବିସର୍ଜନ ହୋଇଥିଲା। ଏହି ଶୋଭାଯାତ୍ରା ଓ ଭସାଣି ପର୍ବ ଅତ୍ୟନ୍ତ ଶୃଙ୍ଖଳାର ସହ ଶେଷ ହୋଇଥିଲା। ବିଭିନ୍ନ ପୂଜା ଅନୁଷ୍ଠାନ ପକ୍ଷରୁ କେରଳର ଲୋକନୃତ୍ୟ, ମହାରାଷ୍ଟ୍ର ନାସିକର ବାଦ୍ୟ, ହରିୟାଣାର ଅଘୋରୀ ନୃତ୍ୟ, ରାଜସ୍ଥାନର ମାଙ୍କଡ଼ ନୃତ୍ୟ, ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀରର ଲୋକନୃତ୍ୟ, ପୁରୀର ଦେବଦାସୀ ଓ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସମ୍ମୁଖରେ ଶାସ୍ତ୍ରୀୟ ନୃତ୍ୟ, କେନ୍ଦୁଝରର ଆଦିବାସୀ ଲୋକନୃତ୍ୟ ଆଦି ସାମିଲ ହୋଇଥିଲା। ଶ୍ରୀକାକୁଲମ, ବ୍ରହ୍ମପୁର, ଯାଜପୁର ଆଦି ଅଞ୍ଚଳରୁ ଆସିଥିବା ବ୍ୟାଣ୍ଡପାର୍ଟି ବାଦ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା, ସଦସ୍ୟ ଓ ଅଞ୍ଚଳବାସୀ ନୂତନ ବସ୍ତ୍ର ପରିଧାନ କରି ଶୋଭାଯାତ୍ରାରେ ନୃତ୍ୟ ସଙ୍ଗୀତରେ ନିଜକୁ ହଜାଇ ଦେଇଥିଲେ। ଭସାଣି ଶୋଭାଯାତ୍ରା ଦେଖିବା ପାଇଁ ଢେଙ୍କାନାଳ ସହରର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ସମଗ୍ର ସହର ଯେପରି ଜନ ସମୁଦ୍ରରେ ପରିଣତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୨୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।


ଭସାଣି ଶୋଭାଯାତ୍ରା ବେଳେ କଳାକାରଙ୍କ ଦ୍ୱାରା ପୁରୀର ଲୋକନୃତ୍ୟ।


ଭସାଣି ବେଳେ କାଞ୍ଚନ ବଜାରର ନୃତ୍ୟରତ ଗଣେଶ।


କେନ୍ଦୁଝରର କଳସ ନୃତ୍ୟ।


ମହାରାଷ୍ଟ୍ର ନାସିକରୁ ଆସିଥିବା ଲୋକନୃତ୍ୟ ଦଳ ବାଦ୍ୟ ଓ ନୃତ୍ୟ ପରିବେଷଣ କରୁଛନ୍ତି।





# ଧନଲକ୍ଷ୍ମୀଙ୍କୁ ବିଦାୟ ଦେଲେ ଅନୁଗୋଳବାସୀ

**ଅନୁଗୋଳ,୮।୧୧(ଅମିତ କୁମାର ସାମଲ)**

- ଆଡ଼ମ୍ବରରେ ସରିଲା ଭସାଣି ଶୋଭାଯାତ୍ରା
- ବାଦ୍ୟ, ଲୋକନୃତ୍ୟ, ଲାଇଟ୍ ଶୋ’ ମୁଖ୍ୟ ଆକର୍ଷଣ

୧୧ ଦିନ ଧରି ମା’ ଧନଲକ୍ଷ୍ମୀଙ୍କୁ ଆରାଧନା ପରେ ବୁଧବାର ବିଦାୟ ଦେଇଛନ୍ତି ଅନୁଗୋଳବାସୀ। ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ଶେଷ ହୋଇଛି ଭସାଣି ଶୋଭାଯାତ୍ରା। ଅଘୋରୀ ନୃତ୍ୟ, ଆଦିବାସୀ ନୃତ୍ୟ, ବିଭିନ୍ନ ଲୋକନୃତ୍ୟ ସାଙ୍ଗକୁ ପଶୁ ମୁଖା ପିନ୍ଧା ନୃତ୍ୟ ଓ ଲାଇଟ୍ ଶୋ’ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଏହି ଶୋଭାଯାତ୍ରା ଦେଖିବାକୁ ସହର ଯେପରି ଲୋକାରଣ୍ୟ ହୋଇଉଠିଥିଲା। ଅପରାହ୍ଣ ୪ଟା ୪୫ରେ ଆରମ୍ଭ ହୋଇଥିଲା ଭସାଣି ଶୋଭାଯାତ୍ରା। ମେଳଣରେ ୧୧ଟି ମେଢ଼ ସାମିଲ ହୋଇଥିବା ବେଳେ ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ ଓ ଏସ୍‌ଡିପିଓ ରମାକାନ୍ତ ମହାଲିକ ପତାକା ଦେଖାଇ ଶୋଭଯାତ୍ରାକୁ ଶୁଭାରମ୍ଭ କରିଥିଲେ। ପ୍ରଥମେ ହୁଲୁରିସିଂହା ପୂଜା କମିଟି ଶୋଭଯାତ୍ରା କରିଥିବା ବେଳେ ପରେ କ୍ରମିକ ନଂ ଅନୁସାରେ ଅନ୍ୟ ମେଢ଼ଗୁଡ଼ିକ ଯାଇଥିଲେ। ଚଳିତବର୍ଷ ଡିଜେ ସାଉଣ୍ଡକୁ ବାରଣ କରାଯାଇଥିଲା। ହେଲେ ରଙ୍ଗିନ ଆଲୋକ ସାଙ୍ଗକୁ ବ୍ୟାଣ୍ଡପାର୍ଟି, ଘଣ୍ଟୁଆଳ, ଆଦିବାସୀ ନୃତ୍ୟ, ଦଣ୍ଡ ନୃତ୍ୟ, ଅଘୋରୀ ନୃତ୍ୟ, ସପ୍ତଫେଣୀ, ମାଙ୍କଡ଼ ମୁଖା ପିନ୍ଧା ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ବିକାର ଛଲପୂଜା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଅବିକଳ ଦେଖାଯାଉଥିବା ଜଣେ କଳାକାର ଅନ୍ୟତମ ଆକର୍ଷଣ ସାଜିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

















## ସଂକ୍ଷେପରେ

### ନୂତନ ଡିଆଇପିଆର୍‌ଓଙ୍କ ଦାୟିତ୍ୱ ଗ୍ରହଣ

ଢେଙ୍କାନାଳ,୮।୧୧(ରତନ ନାୟାର)

ଢେଙ୍କାନାଳର ନୂତନ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ(ଡିଆଇପିଆର୍‌ଓ) ଭାବେ ଅଭିଷେକ ବେହେରା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଡିଆଇପିଆରଓ ଦାୟିତ୍ୱରେ ଥିବା ରମେଶ ଚନ୍ଦ୍ର ସାହୁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।



### ଟ୍ରକ୍ ଧକ୍କାରେ ଯୁବକ ମୃତ, ଉତ୍ତେଜନା

ଢେଙ୍କାନାଳ,୮।୧୧(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ୫୫ନଂ ଜାତୀୟ ରାଜପଥର ଶକ୍ତିସୁଗାର ଛକ ନିକଟରେ ବୁଧବାର ରାତି ୮ଟା ସମୟରେ ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ସିମିଳିଆ ଅଞ୍ଚଳର ଇନ୍ଦ୍ରଜିତ ମହାନ୍ତି(୨୩)ଙ୍କ ମୃତ୍ୟୁ ଘଟିଛି। ଏଥିସହିତ ଏକ ଗାଈର ମଧ୍ୟ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେଇଥିଲା। ଉକ୍ତ ଅଞ୍ଚଳବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବୁଝାଶୁଝା କରିବାରୁ ରାତି ୯ଟା ବେଳେ ରାଜପଥ ଅବରୋଧ ହଟିଥିଲା। ଦୁର୍ଘଟଣା ଘଟାଇ ପଳାଇଥିବା ଟ୍ରକ୍‌କୁ ଜବତ କରାଯାଇଛି। ମୃତ ଯୁବକ ସିମିଳିଆ ପୂଜା ପ୍ରତିଷ୍ଠାନର ଭସାଣି ଉତ୍ସବରେ ସାମିଲ ହୋଇଥିଲେ ବୋଲି ତାଙ୍କ ଶାର୍ଟରେ ଲାଗିଥିବା ଏକ ବ୍ୟାଜ୍‌ରୁ ଜଣାପଡିଛି।


ଢେଙ୍କାନାଳ ସହର ମହିଷାପାଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜନପ୍ରତିନିଧି ଓ ଅନ୍ୟମାନେ।


କଙ୍କଡାହାଡ଼ ରାମେଶ୍ୱର ଉଚ୍ଚ ବିଦ୍ୟାଳୟ ପଡିଆରେ କାର୍ଯ୍ୟକ୍ରମ।


କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମଠାରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସମେତ ଅନ୍ୟମାନେ।

# ୩୦୫୩ ପ୍ରକଳ୍ପ ପାଇଁ କୃତଜ୍ଞତା ଜଣାଇଲେ ଜନପ୍ରତିନିଧି

ଢେଙ୍କାନାଳ,୮।୧୧(ରତନ ନାୟାର)

ଢେଙ୍କାନାଳ ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାର ୮ଟି ବ୍ଲକର ୨୧୨ ପଞ୍ଚାୟତରେ ୩୦୫୩ ପ୍ରକଳ୍ପ ପାଇଁ ମୋଟ ୧୦୬ କୋଟି ଟଙ୍କାର ଅନୁଦାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଛନ୍ତି। ଏହି ଅର୍ଥରୁ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଲେଖାଏ ପ୍ରକଳ୍ପ ବାବଦରେ ପ୍ରଦାନ କରାଯିବାକୁ ଥିବାରୁ ଏ ନେଇ ଜିଲାର ଜନପ୍ରତିନିଧି ଓ ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଯାଇଛି। ଆଭାସୀ ମାଧ୍ୟମରେ ଢେଙ୍କାନାଳ ସହର ମହିଷାପାଟ ପଡ଼ିଆ ସହ ୮ ବ୍ଲକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଢେଙ୍କାନାଳସହରମହିଷାପାଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଜିଲାର ସମସ୍ତ ୨୧୨ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ୧୦୬ କୋଟି ଟଙ୍କା ମଞ୍ଜୁର କରିବା ସହ ବେଶ୍ ଖୁସି ବୋଲି କହିଥିଲେ। ଗାଁରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ହେବ। ପ୍ରାଥମିକ ସ୍କୁଲ, ବ୍ୟାଙ୍କ ସେବା, ଖେଳ ପଡିଆ ମିଳିବ। ମଞ୍ଜୁର ହୋଇଥିବା ଅନୁଦାନ ସ୍ୱଚ୍ଛତାର ସହ ଖର୍ଚ୍ଚ ହେବା ଉପରେ ଦୃଷ୍ଟି ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ୮ ବ୍ଲକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦ, ସଦର ବ୍ଲକ ବିଡିଓ ଆୟୁଷୀ ମହାପାତ୍ରଙ୍କ ସମସ୍ତ ଅଧିକାରୀ ଓ ଜିଲାର ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ।

କଙ୍କଡାହାଡ଼ ବ୍ଲକ କଙ୍କଡାହାଡ଼ ରାମେଶ୍ୱର ଉଚ୍ଚ ବିଦ୍ୟାଳୟ ପଡିଆରେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଙ୍କଡାହାଡ଼ ବ୍ଲକର ୨୧ ପଞ୍ଚାୟତ ପାଇଁ ୧୦.୫୦ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କରାଯାଇଥିଲା। ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ବିଡିଓ ଯଶୋବନ୍ତ ଦେହୁରୀ, ତହସିଲଦାର ସୌଦାମିନୀ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ଚାରୁଲତା ମିଶ୍ର, ଉପାଧ୍ୟକ୍ଷା ଦୀପା ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଜିଲାପରିଷଦ ସଦସ୍ୟ ନବକିଶୋର ସାହୁ, ରୀନା ହେସା, ରବିନାରାୟଣ ପ୍ରଧାନ, ସରପଞ୍ଚ ରାଜ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମଠାରେ ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ୨୨ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପାଇଁ ୧୧ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ତଥା ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାଁ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି ବୋଲି କହିବା ସହିତ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ଅଭିନାଶ ପାଣ୍ଡିଆ, ଶ୍ରମିକ ନେତା ବାସୁଦେବ ସାହୁ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ସେହିପରି ଭୁବନ ବ୍ଲକ ଭୁବନ ହାଇସ୍କୁଲ ଖେଳପଡିଆ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ କଲ୍ୟାଣ ସୌରଭ ଦାସ ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷ ସିପ୍ରା ବରାଳ ଓ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ଜିଲା ପରିଷଦ ସଦସ୍ୟ, ସରପଞ୍ଚ ଉପସ୍ଥିତ ଥିଲେ। ବ୍ଲକର ୧୮ ପଞ୍ଚାୟତରେ ୨୯୧ ପ୍ରକଳ୍ପ ନିର୍ମାଣ ପାଇଁ ୯କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ପରଜଙ୍ଗ ମିନିଷ୍ଟାଡିୟମ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ୨୯ ପଞ୍ଚାୟତରେ ୩୫୮ ପ୍ରକଳ୍ପ ପାଇଁ ୧୪ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁ ମନ୍ଦିର, ମଠ, ସ୍କୁଲ ଓ ରାସ୍ତାର ଉନ୍ନତି ପାଇଁ ଅର୍ଥ ମଞ୍ଜୁର କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ଖାଦ୍ୟ ନିଗମ ବୋର୍ଡ ସଦସ୍ୟ ଅକ୍ଷୟ କୁମାର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ବିଡିଓ ମନ୍ମଥ କୁମାର ନାୟକ, ତହସିଲଦାର ପତିତପାବନ ଦେବତା, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ଜିଲାପରିଷଦ ଉପସଭାପତି ବିଳାସିନୀ ସେଠୀ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ରୁନୁ ବର୍ମା, ବିଜେଡି ବ୍ଲକ ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି, ଯୁବ ବିଜେଡି ସଭାପତି ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଓଡ଼ାପଡ଼ା ବ୍ଲକର ୨୮ ପଞ୍ଚାୟତରେ ୩୮୦ ପ୍ରକଳ୍ପ ନିମନ୍ତେ ୧୪ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ଓଡ଼ାପଡ଼ା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅମିୟକାନ୍ତ ସ୍ୱାଇଁ, ତହସିଲଦାର ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ହିନ୍ଦୋଳ ବ୍ଲକ ନିମନ୍ତେ ଗରିଲୋ ବହୁବର ପଡିଆଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିନ୍ଦୋଳ ଉପଖଣ୍ଡର ୫୫୪ ପ୍ରକଳ୍ପ ନିମନ୍ତେ ୧୭ କୋଟି ୫୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିଲେ। ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ବିଡିଓ ବିନୀତା ବିଜୟିନୀ, ତହସିଲଦାର ଦିଲୀପ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଢେଙ୍କାନାଳ ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ


ଭୁବନ ହାଇସ୍କୁଲ ଖେଳପଡିଆ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ।


ପରଜଙ୍ଗ ମିନିଷ୍ଟାଡିୟମ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ନୃସିଂହ ଚରଣ ସାହୁଙ୍କ ସମେତ ଅନ୍ୟମାନେ।


ହିନ୍ଦୋଳ ବ୍ଲକ ଗରିଲୋ ବହୁବର ପଡିଆଠାରେ କାର୍ଯ୍ୟକ୍ରମ।

# ଦୁଲୁକିଲା ପାଲଲହଡ଼ା ମେଳଣ ପଡ଼ିଆ



ପାଲଲହଡ଼ା,୮।୧୧(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ସଦରମହକୁମାରେ ମା' ଲକ୍ଷ୍ମୀଙ୍କ ଭସାଣି ଉତ୍ସବ ବୁଧବାର ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଆଦିବାସୀ ନୃତ୍ୟ ସାଙ୍ଗକୁ ଢୋଲ ନିଶାନର ତାଳେତାଳେ ସହରବାସୀ ମା' ଲକ୍ଷ୍ମୀଙ୍କୁ ବିଦାୟ ଦେଇଥିଲେ। ବିଭିନ୍ନ ବାଦ୍ୟ, ନୃତ୍ୟରେ ପାଲଲହଡ଼ା ମେଳଣ ପଡ଼ିଆ ଦୁଲୁକି ଉଠିଥିଲା। କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପାଲଲହଡ଼ା ଷ୍ଟାଡିୟମଠାରେ ଏହି ମେଳଣ ଉତ୍ସବ ଆୟୋଜନ କରାଯାଇଥିଲା। ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ଯୁବ ବ୍ୟାପାର ଅଧ୍ୟକ୍ଷ କୁନ ବିହାରୀ ଦାସ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁରକ୍ଷା ବ୍ୟବସ୍ଥାର ତର୍ଜମା କରିଥିଲେ। ଏହି ଅବସରରେ ମା'ଙ୍କ ଆଁଞ୍ଚା ଲଡୁକୁ ୧.୫ ଲକ୍ଷ ଟଙ୍କାରେ ଦିଗାମ୍ବର ଗଡନାୟକ, ଲକ୍ଷ୍ମୀ ପ୍ରତିମାକୁ ସନ୍ଦୀପ ମନୋହର ଦିବେଦୀ ଏବଂ ପୋଡ଼ପିଠାକୁ ଦୀପକ କୁମାର ସାହୁ ନିଲାମରେ ନେଇଥିଲେ। ପରେ ସମସ୍ତ ୯ ମେଢ ଷ୍ଟାଡିୟମରୁ ବାହାରି ବସ୍‌ଷ୍ଟାଣ୍ଡ, ମେଡିକାଲ ଛକ ଓ ବଜାର ଛକ ଦେଇ ବିସର୍ଜନ ପାଇଁ ଯାଇଥିଲେ।


ଭସାଣି କାର୍ଯ୍ୟକ୍ରମରେ ଅତିଥିମାନେ।

# ଡିଜେ ସାଉଣ୍ଡରେ କମ୍ପିଲା ଛେଣ୍ଡିପଦା


ଛେଣ୍ଡିପଦାରେ ଲକ୍ଷ୍ମୀପୂଜା ମେଳଣ ଉତ୍ସବ ଅବସରରେ ଅତିଥିମାନେ।


ଭସାଣି ଶୋଭାଯାତ୍ରା ବେଳେ ଆତସବାଜି କାର୍ଯ୍ୟକ୍ରମ।

ଛେଣ୍ଡିପଦା,୮।୧୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଯୁବମଞ୍ଚ ପକ୍ଷରୁ ବୁଧବାର ଛେଣ୍ଡିପଦାରେ ଲକ୍ଷ୍ମୀପୂଜା ମେଳଣ, ଭସାଣି ଉତ୍ସବ, ଆଁଞ୍ଚାଲଡୁ ନିଲାମ ଓ ଆତସବାଜୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ସଦରମହକୁମାରେ ହୋଇଥିବା ଲକ୍ଷ୍ମୀପୂଜାର ସମସ୍ତ ୮ ମେଢ଼ ଜଗନ୍ନାଥ ମନ୍ଦିର ସମ୍ମୁଖ ପଡିଆରେ ଏକତ୍ରିତ ହେବା ପରେ ମେଳଣ ଅନୁଷ୍ଠିତ ହୋଇଥିଲା। ଯୁବମଞ୍ଚ ସଭାପତି ଦୀପକ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟବ୍ରତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପରେ ମା'ଙ୍କ ଆଁଞ୍ଚାଲଡୁ ନିଲାମ କରାଯାଇଥିଲା। ଛେଣ୍ଡିପଦା ଗ୍ରାମର ଶ୍ରୀକାନ୍ତ ନାଏକ ୬୨ ହଜାର ୫ଶହ ଟଙ୍କାରେ ଆଁଞ୍ଚାଲଡୁ ନିଲାମ ନେଇଥିଲେ। ଥାନା ଛକ ପୂଜା କମିଟି ସଭାପତି ପଞ୍ଚୁନାଥ ବେହେରା, ମଝିବଜାର ପୂଜା କମିଟି ସଭାପତି ନଗେନ ନନ୍ଦ, ବ୍ଲକ ଛକ ପୂଜା କମିଟି ସଭାପତି ସରୋଜ ବେହେରା, ଶାନ୍ତି ବଜାର ପୂଜା କମିଟି ସଭାପତି ବିଦ୍ୟୁତ୍ ସିଂ ନାୟକ ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସୁଦୀପ୍ତ ପ୍ରଧାନ ପରିଚାଳନା କରିଥିବାବେଳେ ସମ୍ପାଦକ ହିମାଂଶୁ ଶେଖର ବେହେରା, ଜିତୁ ମାଝି, କାମପାଳ ଦାଶ, ଚିତ୍ତରଞ୍ଜନ ସାହୁ ସହଯୋଗ କରିଥିଲେ। ମେଳଣରେ ପ୍ରାୟ ୨୦ ହଜାରରୁ ଅଧିକ ଜନସାଧାରଣଙ୍କ ସମାଗମ ହୋଇଥିଲା। ଛେଣ୍ଡିପଦା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ବଅଁରପାଳରୁ ବିଦାୟ ନେଲେ ଧନଲକ୍ଷ୍ମୀ

ବଅଁରପାଳ,୮।୧୧(ଉପେନ୍ଦ୍ର ରାଉତ)

ବଅଁରପାଳରେ ଚାଲିଥିବା ମା' ଲକ୍ଷ୍ମୀଙ୍କ ପୂଜା ଉଦ୍‌ଯାପିତ ହେବା ସହ ମଙ୍ଗଳବାର ଭସାଣି ପର୍ବ ଅନୁଷ୍ଠିତ ହୋଇଯାଇଛି। ବଅଁରପାଳ ବଜାର ବଣିକ ମହାସଂଘ ତଥା ସମସ୍ତ ପୂଜାକମିଟି କର୍ମକର୍ତ୍ତା ଅପରାହ୍ନ ୧ଟା ସୁଦ୍ଧା ସ୍ଥାନୀୟ ଯାତ୍ରା ପଡିଆଠାରେ ଏକତ୍ରିତ ହୋଇ ମେଳଣ ଶୋଭାଯାତ୍ରାରେ ଭାଗ ନେଇଥିଲେ। ମେଳଣ ପଡିଆରେ ସମସ୍ତ ପୂଜାକମିଟି ମେଢ଼ ପହଞ୍ଚିବା ପରେ ସେଠାରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ମେଢ଼ଗୁଡ଼ିକୁ ୫୫ ନଂ ଜାତୀୟ ରାଜପଥରେ ସନ୍ତ୍ରୀ ଛକ ପର୍ଯ୍ୟନ୍ତ ନିଆଯିବା ପରେ ଜଳାଶୟରେ ବିସର୍ଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବ୍ୟାଣ୍ଡପାର୍ଟି, ଢୋଲ, ନିଶାଣ, ଆତସବାଜୀ, ଦଣ୍ଡନାଚ ଆଦି ସାମିଲ ହୋଇଥିଲା। ଏହି ଭସାଣି ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ବଅଁରପାଳ ଥାନା ଅଧିକାରୀ ନିରୁପମା ଜେନାଙ୍କ ତତ୍ତ୍ୱାଧାନରେ ପୋଲିସ ମୁତୟନ କରା ଯାଇଥିଲା। କୁଲାଡ଼ ଗ୍ରାମରେ ମା'ଙ୍କ ବିସର୍ଜନ କାର୍ଯ୍ୟକ୍ରମ ଚାଲିଥିବାରୁ ରାଜପଥରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ହେଲେ ନାଲ୍‌କୋ ଓ ବଅଁରପାଳ ଥାନା ପକ୍ଷରୁ ଏହାର ସମାଧାନ କରା ଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ଶେଷ ହୋଇଥିବାରୁ ବଣିକ ମହାସଂଘ ସଭାପତି ଉପେନ୍ଦ୍ର ସାହୁ, ସମ୍ପାଦକ ଅଖିଳ କୁମାର ମହାପାତ୍ର, ଉପଦେଷ୍ଟା ଖଗେଶ୍ୱର ପରିଡ଼ା ଓ କୋଷାଧ୍ୟକ୍ଷ ବିଜୟ କୁମାର ସାମଲ ବ୍ଲକ ପ୍ରଶାସନ, ପୋଲିସ ଓ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି।


ବଅଁରପାଳରେ ମା' ଧନଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା।

# ସାମାଜିକ ସଚେତନତାର ବାର୍ତ୍ତା ଦେଲେ କଂସ


ଧନୁଯାତ୍ରାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକଙ୍କ ସମେତ ଅନ୍ୟମାନେ।


ମଥୁରା ଅଭିମୁଖେ କୃଷ୍ଣ ଓ ବଳରାମ।

### ଖଣ୍ଡହତାରେ ଗଜଲକ୍ଷ୍ମୀ ପୂଜା, ଧନୁଯାତ୍ରା ଶେଷ

ବଇଣ୍ଡା,୮।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଖଣ୍ଡହତା ଗ୍ରାମରେ ୯ ଦିନ ଧରି ଚାଲିଥିଲା ମହାରାଜ କଂସଙ୍କ ରାଜୁତି। ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ଧନୁଯାତ୍ରା ଧୁମ୍‌ଧାମରେ ପାଳନ ହୋଇଥିବା ବେଳେ ମହାରାଜ କଂସଙ୍କ ବଧ ସହ ଏହାର ସମାପନ ଘଟିଥିଲା। ହେଲେ ଏହି ଧନୁଯାତ୍ରା ଅବସରରେ ମହାରାଜ କଂସ ଅନେକ ସାମାଜିକ ସଚେତନତାର ବାର୍ତ୍ତା ଦେଇଥିଲେ। ନିଶା ନିବାରଣ ଠାରୁ ଦୂରେଇ ରହିବା, ରକ୍ତଦାନ, ଅଙ୍ଗଦାନ ଆଦି ଉପରେ ଲୋକଙ୍କୁ ସଚେତନ କରାଇଥିଲେ।

ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ କମିଟିକୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନ୍ୟତମ ଅତିଥି ଭାବେ ଜିଲା ମହିଳା ବିଜେଡି ସଭାପତି ବିଦ୍ୟୁତ୍‌ଲତା ପ୍ରଧାନ, ଆଠମଲ୍ଲିକ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଂସ ମହାରାଜ ଗୋପପୁରବାସୀଙ୍କୁ ସମ୍ବର୍ଦ୍ଧିତ କରିଥିବା ସହ ଲକ୍ଷ୍ମୀପୂଜା କମିଟିର ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ। ସତ୍ୟଭାମା ସାହୁଙ୍କୁ ଆଁଞ୍ଚା ଲଡୁ ପ୍ରଦାନ କରାଯାଇଥିଲା। ଦର୍ଶକଙ୍କ ଲାଗି ସନ୍ଧ୍ୟାରେ ଅନ୍ନ ଭୋଗ କରାଯାଇଥିଲା। ଏହି ଧନୁଯାତ୍ରା ଦେଖିବାକୁ ଆସୁଥିବା ଦର୍ଶକମାନେ ଦୋଳି, ମିନାବଜାର, ଖାଦ୍ୟ ଷ୍ଟଲର ମଜା ନେଇଥିଲେ। କଂସ ଭୂମିକାରେ ସୁଶୀଲ ମେହେର ଅଭିନୟ କରିଥିବା ବେଳେ ଦରବାରରେ ବିଦୂଷକ ଦାୟିତ୍ୱ ନିଭାଇଲେ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି। ୨୮ ଅକ୍ଟୋବରରୁ ଖଣ୍ଡହତା ଗ୍ରାମରେ ଏହି ପୂଜା ଆରମ୍ଭ ହୋଇଥିବା ବେଳେ ଗ୍ରାମ ପୁରୋହିତ ସୂର୍ଯ୍ୟମଣି ଦାଶ ପୂଜା କାର୍ଯ୍ୟ ତୁଲାଇଥିଲେ। ଅନିଲ ପ୍ରଧାନ କର୍ତ୍ତା ସାଜିଥିଲେ। କମିଟି ସଭାପତି ପ୍ରଦୀପ ପ୍ରଧାନ, ସମ୍ପାଦକ ସୁଧାସାଗର ପ୍ରଧାନ, ଅଖିଳ ପ୍ରଧାନ ସହଯୋଗ କରିଥିଲେ।

